# Akashvani, Sambalpur

## SAMBALPURI NEWS EVENING BULLETIN

## 6 August 2025- 7.02 pm- 7.12 pm.

*********************************************

୧- କର୍ତବ୍ୟ ଭବନ୍ ଲୋକ୍‌ସେବା ଦିଗେ ସରକାର୍‌ଙ୍କର୍ ସଂକଳ୍ପ ଆଉ ନିରନ୍ତର୍ ଚେରେଷ୍ଟାର୍ ପ୍ରତୀକ୍ ଆଏ - କହେଲେ ପ୍ରଧାନ୍‌ମନ୍ତ୍ରୀ ।

୨- ରାଏଜେ ଖୋବ୍ ଜଲ୍‌ଦି ୧ ହଜାର୍ ୬ ଶହ ୩୫ ଟା ନୂଆଁ ରାଜସ୍ୱ ଗାଁର୍ ସୀମା ପରିବର୍ତନ୍ କରାଯିବା କହେଲେ ରାଜସ୍ୱ ମନ୍ତ୍ରୀ ।

୩- ବାଣିଜ୍ୟିକ ପ୍ରତିଷ୍ଠାନ୍ ଆଉ ଦୁକାନ୍ ମାନ୍‌କେ ଓଡ଼ିଆ ଭାଷାର୍ ସାଇନ୍ ବୋର୍ଡ୍ ଲଗାବାର୍‌କେ ଗୃହ ଆଉ ନଗର ଉନ୍ନୟନ୍ ବିଭାଗ ତର୍‌ଫୁ ନିର୍ଦ୍ଦେଶ୍ ।

ଆଉର୍

୪- ବିଶ୍ୱ ଶାନ୍ତି ଆଉ ପରମାଣୁ ନିରସ୍ତ୍ରୀକରଣ୍ ବାର୍ତା ନେଇକରି ଆଏଜ୍ ପାଲନ୍ କରାଯାଉଛେ ହିରୋସୀମା ଦିବସ୍ ।

କର୍ତବ୍ୟ ଭବନ୍  ଉଦ୍‌ଘାଟନ୍        ଏନ୍‌ଏସ୍‌ଡି

କର୍ତବ୍ୟ ଭବନ୍ ଲୋକ୍‌ସେବା ଦିଗେ ସର୍‌କାର୍‌ଙ୍କର୍ ସଂକଳ୍ପ ଆଉ ନିରନ୍ତର୍ ଚେରେଷ୍ଟାର୍ ପ୍ରତୀକ୍ ଆଏ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ନୂଆଦିଲ୍ଲୀର୍ କର୍ତବ୍ୟ ପଥ ଠାନେ କର୍ତବ୍ୟ ଭବନ୍ -୩କେ ଉଦ୍‌ଘାଟନ୍ କରିକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଇ ଭବନ୍ ବିକଶିତ ଆଉ ଆତ୍ମନିର୍ଭର୍ ଭାରତ୍ ନିର୍ମାଣ୍ ଦିଗେ ସର୍‌କାର୍‌ଙ୍କର୍ ପ୍ରତିବଦ୍ଧତାକେ ଦର୍ଶଉଛେ । ସର୍‌କାର୍‌ଙ୍କର୍ ନୀତି ଆଉ ଯୋଜ୍‌ନା ଲୁକ୍‌କର୍ ପାଖ୍‌କେ ପୁହୁଁଚାବାର୍ ଦିଗେ ଇ ଭବନ୍ ସହାୟକ୍ ହେବାର୍ ସହେତେ ଦେଶର୍ ବିକାଶ୍‌କେ ନୂଆଁ ଗତି ଦେବା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

କର୍ତବ୍ୟ ଭବନ୍-୩ କେନ୍ଦ୍ର ସର୍‌କାର୍‌ଙ୍କର୍ ସାଧାରଣ କେନ୍ଦ୍ରୀୟ ସଚିବାଳୟ ଭାବେ କାମ୍ କର୍‌ବା । ଇନ ସ୍ୱରାଷ୍ଟ୍ର ଆଉ ବୈଦେଶିକ ମନ୍ତ୍ରଣାଳୟ କାମ୍ କର୍‌ବା ।

ମୁଖ୍ୟମନ୍ତ୍ରୀ-କେନ୍ଦ୍ର ମନ୍ତ୍ରୀ ସାକ୍ଷାତ୍    ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ଏକ୍ସ

ନୂଆଦିଲ୍ଲୀ ଗସ୍ତଥି ଯାଇଥିବା ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ କେନ୍ଦ୍ରମନ୍ତ୍ରୀ ମାନ୍‌କୁ ଭେଟିକରି ରାଜ୍ୟର୍ ଭିନ୍ ଭିନ୍ ବିଷେଥି ଆଲୋଚନା କରିଛନ୍ । ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍

ଶାହାଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସାକ୍ଷାତ୍ କରିକରି କେନ୍ଦ୍ର-ରାଜ୍ୟ ସମନ୍ୱୟ ବାବଦ୍ ବିଷେ ଉପ୍ରେ ଆଲୋଚନା କରିଛନ୍ । ତାର୍ ଆଘୋନୁ ଶ୍ରୀ ମାଝୀ କେନ୍ଦ୍ର ଖାଉଟି ବ୍ୟାପାର୍ ମନ୍ତ୍ରୀ ପ୍ରହଲ୍ଲାଦ୍ ଯୋଷୀଙ୍କୁ ଭେଟିକରି ରାଏଜେ ଧାନ୍ ଘିନା ପରିମାଣ୍ ବଢ଼ାବାର୍‌କେ ପ୍ରସ୍ତାବ୍ ଦେବାର୍ ସହେତେ ଭାରତୀୟ ଖାଦ୍ୟ ନିଗମ୍ ଜରିଏ ଚାଉଲ୍ ଉଠାବାର୍ ପରିମାଣ୍ ବଢ଼ାବାର୍‌କେ ଭିଲ୍ ଅନୁରୋଧ୍ କରିଛନ୍ । ଇତାର୍‌ଛଡ଼ା ରାଏଜେ ବାଜ୍‌ରା ଚାଷ୍‌କେ ତହଁକାବାର୍ ଆଉ ସଂରକ୍ଷଣ୍ ଭିତିଭୂମିକେ ବଢ଼ାବାର୍ ବିଷେଥି ଭିଲ୍ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ । ସେନ୍ତା କେନ୍ଦ୍ର ଜଲ୍‌ଶକ୍ତିମନ୍ତ୍ରୀ ସି.ଆର୍. ପାଟିଲ୍‌ଙ୍କୁ ଭେଟିକରି ମହାନଦୀର୍ ଜଲ୍‌ବିବାଦ୍ ଆଉ ଇତାର୍ ନିରପେକ୍ଷ ସମାଧାନ୍ ବିଷେଥି ଆଲୋଚନା କରିଛନ୍ ।

ରାଜସ୍ୱ ମନ୍ତ୍ରୀ- ରାଜସ୍ୱ ଗ୍ରାମ ସୀମା ହି.ସ.

ରାଏଜେ ଖୋବ୍ ଜଲ୍‌ଦି ୧ ହଜାର୍ ୬ ଶହ ୩୫ ଟା ନୂଆଁ ରାଜସ୍ୱ ଗାଁର୍ ସୀମା ପରିବର୍ତନ୍ କରାଯିବା ବଲି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ନୂଆଁ ରାଜସ୍ୱ ଗାଁର୍ ସୀମା ଯେନ୍ତା ପୁର୍‌ନା ଗାଁ ସାଙ୍ଗେ ଲାଗି କରି ନାଇଁ ରହେବା । ସେ ବାବ୍‌ଦେ

ରାଜସ୍ୱ ବିଭାଗ୍ ତର୍ଫୁ ସବୁ ଆର୍ଡିସି ଆର୍ ଜିଲ୍ଲାପାଲ୍ ମାନ୍କୁ ମାର୍ଗଦର୍ଶିକା ଜାରି କରାଯାଇଛେ । ନୂଆଁ ନିୟମ୍ ଅନ୍‌ସାରେ ଫି’ ରାଜସ୍ୱ ଗାଁ ନ ନୂଆଁ ଖାତା ଆଉ ପ୍ଲଟ୍ ତଥ୍ୟ ରହେବାର୍ ଜରୁରୀ ଆଏ ବଲି ବିଭାଗ୍ ତର୍ଫୁ କୁହାଯାଇଛେ । ସୀମା ପୁନଃନିର୍ଦ୍ଧାରଣ୍ ଲାଗି ଜିଲ୍ଲାପାଲ୍ ଆର୍ ବନ୍ଦୋବସ୍ତ ଅଧିକାରୀ ମାନ୍କର୍ ସୁପାରିଶ୍‌କେ ଆଧାର୍ କରିକରି ସର୍କାର୍ ନୂଆଁ ରାଜସ୍ୱ ଗାଁ ସୀମା ପରିବର୍ତ୍ତନ୍ କରିଛନ୍ । ନୂଆଁ ରାଜସ୍ୱ ଗାଁ ଲାଗି ସବୁ ତହସିଲ୍ ନ ଗୁଟେ ଲେଖା ସ୍ୱତନ୍ତ୍ର ପ୍ରକୋଷ୍ଠ ଖୁଲାଯିବା ବଲି ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

(ଭଏସ୍ ଓଭର୍- ରାଜସ୍ୱ ମନ୍ତ୍ରୀ)

ଆର୍‌ବିଆଇ-ରେପୋରେଟ୍ ଏନ୍‌ଏସ୍‌ଡି

ଭାରତୀୟ ରିଜର୍ଭ ବେଙ୍କ୍ ଆର୍‌ବିଆଇ ର ମୁଦ୍ରା ନୀତି କମିଟି ରେପୋରେଟ୍‌କେ ଅପରିବର୍ତ୍ତିତ୍ ରଖିଛେ । ଇହାଦେ ରେପୋରେଟ୍ ୫ ଦଶ୍‌ମିକ୍ ୫ ପ୍ରତିଶତ୍ ହିଁ ରହିଛେ । ମୁଦ୍ରାସ୍ଫିତି ହାରକେ ନିୟନ୍ତ୍ରଣ୍‌ଥି ରଖିବାର୍ ଲାଗି ରିଜର୍ଭ ବେଙ୍କ୍ ତର୍ଫୁ ଇ ପଦକ୍ଷେପ୍ ନିଆଯାଇଛେ । ଦେଶର୍ ଆର୍ଥିକ୍ ଥିତିକେ ମଜ୍‌ବୁତ୍ ରଖିବାର୍ ସହେତେ ଏଛ୍‌ନିର୍ ସମିଆଥି ଆମେରିକା ତର୍ଫୁ ଭାରତ୍ ଉପ୍‌ରେ ଲାଗୁ

ହେଇଥିବା ଟାରିଫ୍‌ର ମୁକାବିଲା ଦିଗେ ଇ ପଦକ୍ଷେପ୍ ସହାୟକ ହେବା ବଲି ରିଜର୍ଭ ବେଙ୍କ୍ ଗଭର୍ଣ୍ଣର୍ ସଞ୍ଜୟ ମଲ୍‌ହୋତ୍ରା କହିଛନ୍ ।

ସିବିଏସ୍‌ଇ-ଉପସ୍ଥାନ୍ ଏକ୍ସ

କେନ୍ଦ୍ରୀୟ ମାଧମିକ ଶିକ୍ଷା ବୋର୍ଡ୍ -ସିବିଏସ୍‌ଇ ତର୍‌ଫୁ ୧୦ ଆଉ ୧୨ ଶ୍ରେଣୀ ଛାତ୍ରଛାତ୍ରୀମାନ୍‌କର୍ ଲାଗି ୭୫ ପ୍ରତିଶତ୍ ଉପସ୍ଥାନ୍ ବାଧତାମୂଲକ୍ କରାଯାଇଛେ । ୨୦୨୬ ବୋର୍ଡ୍ ପରୀକ୍ଷାଥି ଯୋଗ୍ୟତା ହାସଲ୍ କର୍‌ବାର୍‌କେ ହେଲେ ଛାତ୍ରଛାତ୍ରୀମାନ୍‌କୁ ୭୫ ପ୍ରତିଶତ୍ ଉପସ୍ଥାନ୍ ଜରୁରୀ ଆଏ ବଲି ବୋର୍ଡ୍ ତର୍‌ଫୁ କୁହାଯାଇଛେ । ଇତାର୍ ସହେତେ ରେକର୍ଡ୍ ହେର୍‌ଫେର୍ କଲେ ଶୂନ୍ୟ ସହନଶୀଳ ନୀତି ଅପ୍‌ନା ଯିବା ବଲି ବୋର୍ଡ୍ ତର୍‌ଫୁ କୁହାଯାଇଛେ ।

ରାଜ୍ୟସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ I&PR

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ରାଜ୍ୟସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ -୨୦୨୫ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ୍ ଦେଇକରି

ମା’ ଆଉ ଛୁଆର୍ ଲାଗି ସ୍ତନ୍ୟପାନ୍‌ର ଉପକାରିତା ବାବ୍‌ଦେ କହିଛନ୍ । ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଆଭାସୀ ଜରିଏ ରାଜ୍ୟ ମହିଳା ଆୟୋଗ୍ କାର୍ଯ୍ୟାଳୟ ଠାନେ ଗୁଟେ ଶିଶୁ ସ୍ତନ୍ୟପାନ କକ୍ଷ ଉଦ୍‌ଘାଟନ୍ କର୍‌ବାର୍ ସହେତେ ସବୁ ସର୍‌କାରୀ ଆଉ ବେସର୍‌କାରୀ ପ୍ରତିଷ୍ଠାନ୍ ନ ସ୍ତନ୍ୟପାନ କକ୍ଷ ପ୍ରତିଷ୍ଠା କର୍‌ବାର୍‌କେ ପରାମର୍ଶ ଦେଇଛନ୍ ।

(ଭଏସ୍ ଓଭର୍- ପ୍ରଭାତୀ ପରିଡ଼ା)

ଇ ଅବ୍‌ସରେ ଶ୍ରୀମତୀ ପରିଡ଼ା ଏନ୍‌ଜିଓ ମାନ୍‌କର୍ ପଞ୍ଜିକରଣ୍ ଲାଗି ଲୋକକଲ୍ୟାଣ୍ ଅନ୍‌ଲାଇନ୍ ୱେବ୍ ଲିଙ୍କ୍ ଫର୍ମ ଉନ୍ମୋଚନ୍ କରିଛନ୍ ।

ଓଜେଇଇ ଏକ୍ସ

ଏମ୍‌ବିବିଏସ୍, ବିଡ଼ିଏସ୍ ପାଠ୍ୟକ୍ରମଥି ରାଜ୍ୟ କୋଟା ଜରିଏ କାଉନ୍‌ସେଲିଂ ଆଉ ନାଁଲେଖା ଲାଗି ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା- ଓଜେଇଇ ତର୍‌ଫୁ ସୂଚ୍‌ନା ଜାରି କରାଯାଇଛେ । ସୂଚ୍‌ନା ଅନ୍‌ସାରେ ଆଏବା ୧୫ ତାରିଖ୍ ଉପର୍‌ବେଲା ସାଢ଼େ ୪ ବଜେତକ୍ ଚଏସ୍ ଫିଲିଂ ଆଉ ଲକିଂ କରାଯିବା । ୧୬ ତାରିଖ୍ ଦିନ ୧୧ ବଜେ ପହେଲା ଖେପ୍ ଏଲଟ୍‌ମେଂଟ୍ ବାହାର୍‌ବା ଆଉ ୧୮ ତାରିଖ୍ ଦିନ ପହେଲା

ଖେପ୍ ଏଲଟ୍‌ମେଂଟ୍ ଲେଟର୍ ଦିଆଯିବା । ୧୯ ନୁ ୨୪ ତାରିଖ୍ ଭିତ୍‌ରେ ଓଜେଇଇ କାର୍ଯ୍ୟାଳୟ ନ ପ୍ରଭିଜିନାଲ୍ ନାଁଲେଖା ହେବା ବଲି ଓଜେଇଇ ତର୍‌ଫୁ କୁହାଯାଇଛେ ।

ଓଡ଼ିଆ ଫଳକ I&PR

ବାଣିଜ୍ୟକ ପ୍ରତିଷ୍ଠାନ୍ ଆଉ ଦୁକାନ୍ ମାନ୍‌କେ ଓଡ଼ିଆ ଭାଷାଥି ଲେଖାଥିବା ସାଇନ୍ ବୋର୍ଡ଼ ଲଗାବାର୍‌କେ ବାଧ୍ୟତାମୂଲକ୍ କରାଯାଇଛେ । ଇ ବାବ୍‌ଦେ ରାଜ୍ୟ ଗୃହ ଆଉ ନଗର ଉନ୍ନୟନ୍ ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ବିଜ୍ଞପ୍ତି ଅନ୍‌ସାରେ ରାଜ୍ୟର୍ ସମୃଦ୍ଧ ସାଂସ୍କୃତିକ ଆଉ ଭାଷାଗତ ଐତିହ୍ୟକେ ତହଁକାବାର୍ ଆଉ ସଂରକ୍ଷଣ୍ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ଇ ପଦକ୍ଷେପ୍ ନେଇଛନ୍ । ଦୁକାନ୍ ଆଉ ବାଣିଜ୍ୟକ ପ୍ରତିଷ୍ଠାନ୍‌ମାନେ ଆଏବା ମାସର୍ ୩୦ ତାରିଖ୍‌ତକ୍ ଇ ନିର୍ଦ୍ଦେଶ୍‌ନାମାକେ କାର୍ଯ୍ୟକାରୀ କର୍‌ବାର୍ ଲାଗି କୁହାଯାଇଛେ । ଇତାର୍ କାର୍ଯ୍ୟକାରିତା ବାବ୍‌ଦେ ୬୦ ଦିନ୍ ଭିତ୍‌ରେ ରିପୋର୍ଟ ଦେବାର୍‌କେ ମହାନଗର୍ ନିଗମ୍ ଆଉ ପୌରସଂସ୍ଥାମାନ୍‌କେ ଗୃହ ଆଉ ନଗର୍ ଉନ୍ନୟନ୍ ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ହିରୋସିମା ଦିବସ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁର୍‌ଥି ନ ପହେଲା ପରମାଣୁ ବୋମା ଆକ୍ରମଣ୍ ଘଟ୍‌ନାକେ ସୁର୍‌ତା କରିକରି ଆଏଜ୍ ହିରୋସିମା ଦିବସ୍ ପାଲନ୍ କରାଯାଉଛେ । ୧୯୪୫ ମସିହା ଅଗଷ୍ଟ ମାସର୍ ୬ ତାରିଖ୍ ୨ ନମ୍ବର୍ ବିଶ୍ୱଯୁଦ୍ଧ ଚାଲିଥିଲା ବେଲ୍‌କେ ଆମେରିକା ଜାପାନ୍‌ର ହିରୋସିମା ସହର୍ ଉପ୍‌ରେ ପରମାଣୁ ବୋମା ମାଡ଼୍ କରିଥିଲା । ଲିଟିଲ୍ ବୟ କୁହାଯାଉଥିବା ଇ ପରମାଣୁ ବୋମା ଆକ୍ରମଣ୍‌ଥି ୧ ଲାଖ୍ ୪୦ ହଜାର୍ ଲୁକ୍‌କର୍ ଜୀବନ୍ ଯାଇଥିଲା । ବୋମାର୍ ଆଣବିକ ବିକିରଣ ଲାଗି ଲାଖ୍ ଲାଖ୍ ଲୋକ୍ ପ୍ରଭାବିତ୍ ହେଇକରି ବିକଳାଙ୍ଗ ହେଇଥିଲେ । ମାନବ୍ ଇତିହାସ୍‌ଥି ଇ ଘଟ୍‌ନାକେ ସୁର୍‌ତା କରିକରି ଫି’ ବଛର୍ ଅଗଷ୍ଟ ୬ ତାରିଖ୍ ଦିନ ହିରୋସିମା ଦିବସ୍ ପାଲନ୍ କରାଯିବାର୍ ସହେତେ ବିଶ୍ୱ ଶାନ୍ତି ଆଉ ପରମାଣୁ ନିରସ୍ତ୍ରୀକରଣ୍ ଲାଗି ଚେରେଷ୍ଟା ଜାରି ରହିଛେ । ହିରୋସିମା ଦିବସ୍ ପାଲନ୍ ଅବ୍‌ସରେ ପିଡ଼ିତ୍‌ମାନ୍‌କୁ ସମ୍ମାନ୍ ଦେବାର୍ ଆଉ ପରମାଣୁ ମୁକ୍ତ ବିଶ୍ୱ ଦିଗେ ସମାଜ୍‌ର ପ୍ରତିବଦ୍ଧତାକେ ସୁନିଶ୍ଚିତ୍ କର୍‌ବାର୍ ଭିଲ୍ ଇ ଦିବସ୍ ପାଲନ୍‌ର ମୁଖ୍ୟ ଲକ୍ଷ୍ୟ ଆଏ ।

ଜିଲ୍ଲାପାଳ-ଜମନ୍‌କିରା ଗସ୍ତ ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ଆଏଜ୍ ଜମନ୍‌କିରା ବ୍ଲକ୍ ନ ଭିନ୍ ଭିନ୍ କାମ୍‌ର ତଦାରଖ୍ କରିଛନ୍ । ବ୍ଲକ୍‌ର ବଡ଼ରମା ପଂଚାୟତ୍ ନ ବନ୍ଧ୍ କୁଡ଼ା କାମ୍ ଦେଖିବାର୍ ସହେତେ ଷଁଢ଼୍‌ପଥର୍ ପିଏମ୍‌ଶ୍ରୀ ବିଦ୍ୟାଳୟକେ ଯାଇକରି ଛାତ୍ରଛାତ୍ରୀ ଆଉ ଶିକ୍ଷକ୍‌ମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ । ତାର୍ ଉତ୍‌ରୁ ଯୁକ୍ତ ଦୁଇ କଲେଜ୍‌କେ ଯାଇକରି ଛୁଆଙ୍କୁ ପାଠ୍ ପଢ଼େଇଛନ୍ । ଇତାର୍‌ଛଡ଼ା ଚିନିମହୁଲ୍ ଖର୍‌ମୁଡ଼ା ଗାଁ ନ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ୍ ଅଧୀନ୍‌ଥି ଜିଲ୍ଲାପାଲ୍ ବିହନ୍ ଆଉ ସାର୍ ବାଂଟିଛନ୍ ।

ସମ୍ବଲ୍‌ପୁର୍ ଟ୍ରେନ୍ ଲାଇନ୍ କାମ୍ ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ରେଲ୍‌ଷ୍ଟେସନ୍‌ର ଉନ୍ନତିକରଣ୍ କାମ୍ ଚାଲିଥିବାର୍‌ନୁ ଷ୍ଟେସନ୍ ଦେଇକରି ଯା'ଆସ୍ କରୁଥିବା ବହୁତ୍‌ଟେ ଟ୍ରେନ୍‌ର ଗତିପଥ ବଦ୍‌ଲାଯାଇଛେ । କେତେଟା ଟ୍ରେନ୍‌ର ଚଲାଚଲ୍‌କେ ବାତିଲ୍ କରାଯାଇଛେ । ଭିନ୍ ଭିନ୍ ନିରାପତା ବାବଦ୍ ଭିତିଭୂମି କାମ୍ ଆଉ ଯାତ୍ରୀମାନ୍‌କର୍ ସୁବିଧାକେ ନଜର୍‌ଥି ରଖିକରି ଟ୍ରେନ୍ ମାନ୍‌କର୍ ଗତିପଥ

ବଦ୍ଲାଯାଇଛେ । ରେଲ୍ବାଇର ୱେବ୍ସାଇଟ୍ନୁ ଯାତ୍ରୀମାନେ ଇ ବାବ୍ଦେ ସୂଚ୍ନା ପାଇପାର୍ବେ ବଲି ସମ୍ବଲ୍ପୁର୍ ରେଲ୍ମଣ୍ଡଲ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ବିଦ୍ୟୁତ୍ ସଂଯୋଗ୍ ଶିବିର ସମ୍ବଲପୁର ସମ୍ବାଦଦାତା

ବିଦ୍ୟୁତ୍ ବିତରକ କମ୍ପାନୀ-ଟିପିଡବ୍ଲୁଓଡିଏଲ୍ ତର୍ଫୁ ଆଏବା କାଏଲ୍ ଆର୍ ପର୍ଦିନ ପଶ୍ଚିମ ଓଡ଼ିଶାର ସବୁ ସେକ୍ସନ୍, ସବ୍ଡିଭିଜନ୍ ଆଉ ଡିଭିଜନ୍ କାର୍ଯ୍ୟାଳୟ ନ ନୂଆଁ ସଂଯୋଗ୍ ଶିବିର୍ ଆୟୋଜନ୍ କରାଯିବା । ଇ ଅବ୍ସରେ ଉପଭୋକ୍ତା ମାନ୍କୁ ଆଇନ୍ ଅନ୍ସାରେ, ନିରାପଦ୍ ବିଦ୍ୟୁତ୍ ସଂଯୋଗ୍ ଦେବାର୍କେ ଲକ୍ଷ୍ୟ ରଖାଯାଇଛେ ।

ସ୍ୱଚ୍ଛ ଭାରତ୍ କାର୍ଯ୍ୟକ୍ରମ-ବୌଦ୍ଧ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ହର୍ଭଙ୍ଗା ବ୍ଲକ୍ ଚାରିଛକ୍ ବଜାର୍ ନ ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକଙ୍କର୍ ନେତୃତ୍ୱଥି ସ୍ୱଚ୍ଛ ଭାରତ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଜିଲ୍ଲାପାଲ୍ ଶ୍ରୀ ନାଏକ୍ ଆଏଜ୍ ସଖାଲେ ବ୍ଲକ୍ କାର୍ଯ୍ୟାଳୟକେ ପୁହୁଁଚିକରି ଅଧିକାରୀମାନ୍କୁ ସାଙ୍ଗେ ଧରିକରି ଚାରିଛକ୍ ବଜାର୍ ନ ସଫେଇ କରିଥିଲେ ।

ଇ ଅବ୍‌ସରେ ସଫା ସୁତ୍‌ରା କର୍‌ବାର୍ ଲାଗି ଲୁକ୍‌କୁ ଜିଲ୍ଲାପାଲ୍ ସଚେତନ୍ କରିଥିଲେ । ସଫେଇ ଅଭିଯାନ୍‌ଥି ଜିଲ୍ଲାପାଲ୍‌ଙ୍କର୍ ସହେତେ ହର୍‌ଭଙ୍ଗା ତହସିଲ୍‌ଦାର୍, ବିଡ଼ିଓ, ଥାନା ଅଧିକାରୀଙ୍କର୍ ସହେତେ ଅଲ୍‌କା ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ନୂଆପଡ଼ା- କୃଷି ସମନ୍ୱୟ ବୈଠକ୍        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ଠାନେ ୧୧ ନମ୍ବର୍ କୃଷି ଗଣନା ବାବଦ୍ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି କୃଷି ଗଣନାର୍ ୨ ନମ୍ବର୍ ଖେପ୍ ଫଲାଫଲ୍ ବାହାର୍ କରାଯାଇଥିଲା । ଇତାର୍ ତଥ୍ୟ ଅନ୍‌ସାରେ କୃଷି ଗଣନା ବଛର୍ ୨୦୧୫-୧୬ ଠାନୁ ଜିଲ୍ଲା ନ ଧାନ୍‌ଚାଷ୍ ୯ ପ୍ରତିଶତ୍, ଅଣଧାନ ଚାଷ ୬୯ ପ୍ରତିଶତ୍ ବଢ଼ିଛେ ।

ପାଣିପାଗ             ଆର୍‌ଏନ୍‌ୟୁ/ ସମ୍ବଲପୁର

ମୌସୁମୀ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ବଙ୍ଗୋପ୍‌ସାଗର୍ ନ ବନିଥିବା ଘୂର୍ଣ୍ଣିବଳୟର୍ ପ୍ରଭାବ୍‌ଥି ଆଏବା ୧୧ ତାରିଖ୍‌ତକ୍ ରାଏଜେ ବର୍ଷା ଲାଗି ରହେବା । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ପାଖାପାଖି ସବୁ ଜିଲ୍ଲା ନ ଘଡ୍‌ଘଡ଼ି ସହେତେ ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ସୁନ୍ଦର୍‌ଗଡ୍, ମୟୁର୍‌ଭଞ୍ଜ୍ ଆର୍ କେନ୍ଦୁଝର୍ ନ ଖୋବ୍ ଜୋର୍ ବର୍ଷା ହେଇପାରେ ବଲି ପାଣିପାଗ କେନ୍ଦ୍ର ତର୍‌ଫୁ କୁହାଯାଇଛେ ।